# Akashvani, Sambalpur

## SAMBALPURI NEWS EVENING BULLETIN

## 11 November 2025- 7.02 pm- 7.12 pm.

*********************************************

୧- ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଶାନ୍ତିଶୃଙ୍ଖଲାର୍ ସହେତେ ସର୍‌ଲା ଭୋଟ୍ ।

- ସଞ୍ଝର୍ ୬ ବଜେତକ୍ ହେଇଛେ ୭୬ ଦଶମିକ୍ ୪/୭ ପ୍ରତିଶତ୍ ମତଦାନ ।

୨- ଦିଲ୍ଲୀ କାର୍ ବିସ୍ଫୋରଣ୍ ଘଟ୍‌ନାର୍ ଷଡ଼ଯନ୍ତ୍ରକାରୀମାନ୍‌କୁ ଛଡ଼ା ନାଇଁ ଯାଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଉଚ୍ଚସ୍ତରୀୟ ବୈଠକ୍‌ଥି ଥିତିର୍ ସମୀକ୍ଷା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

୩- ଓଡ଼ିଶା ପୁଲିସ୍- ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମ୍‌ଲାଥି ସିବିଆଇ ତଦନ୍ତ ଲାଗି ବାହାର୍‌ଲା ବିଜ୍ଞପ୍ତି ।

ଆଉର୍

୪- ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା କାଏଲ୍‌ତକ୍ କମିପାରେ ରାତିର୍ ତାପମାତ୍ରା ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଆଏଜ୍ ଶାନ୍ତିଶୃଙ୍ଖଲାର୍ ସହେତେ ଶେଷ୍ ହେଇଛେ । ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ ବେଲ୍‌ବୁଡ଼ାର୍ ୬ ବଜାତକ୍ ୭୬ ଦଶ୍‌ମିକ୍ ୪/୭ ପ୍ରତିଶତ୍ ମତଦାନ୍ ହେଇଛେ । ସଖାଲର୍ ୭ ବଜେନୁ ବେଲ୍‌ବୁଡ଼ର୍ ୫ ବଜେତକ୍ ଭୋଟ୍ ଗ୍ରହଣ୍ କରାଯାଇଥିଲା । ୫ ବଜେତକ୍ ଭୋଟ୍ ଗ୍ରହଣ୍ ସମିଆ ସରିଥିଲେ ଭିଲ୍ ଲାଇନ୍‌ଥି ଲାଗିଥିବା ଲୁକ୍‌କୁ ମତଦାନ୍ କର୍‌ବାର୍ ଲାଗି ସୁଯୋଗ୍ ଦିଆଯାଇଥିଲା । ୧୮ ଟା ବୁଥ୍ ନ ଇହାଦେ ଭିଲ୍ ମତଦାନ୍ ଚାଲିଛେ । ୪୭ ଟା ମାଓ ପ୍ରଭାବିତ୍ ବୁଥ୍ ନ ୪ ବଜେ ମତଦାନ୍ ପ୍ରକ୍ରିୟା ଶେଷ୍ ହେଇଥିଲା । କେତେଟା ବୁଥ୍ ନ ଇଭିଏମ୍‌ଥି ସାମାଏନ୍ ତ୍ରୁଟି ଦେଖାଦେବାର୍‌ନୁ ସେସବୁକେ ତୁର୍‌ତି ସମାଧାନ୍ କରାଯାଇକରି ଭୋଟ୍ ପ୍ରକ୍ରିୟାକେ ସ୍ୱାଭାବିକ୍ କରାଯାଇଥିଲା । ଭୋଟ୍ ଗ୍ରହଣ୍ ହେବାର୍ ଆଘୋନୁ ୩ ଶହ ୫୮ ଟା ଯାକ ମତଦାନ୍ କେନ୍ଦ୍ର ନ ଅଭ୍ୟାସ୍ ମତଦାନ୍ କରାଯାଇଥିଲା । ଇ ସମିଆଥି ଯାନ୍ତ୍ରିକ ତ୍ରୁଟି ଦେଖାଦେବାର୍‌ନୁ ୩ ଟା ବାଲାଟ୍ ୟୁନିଟ୍ ଆଉ ୩ ଟା କଂଟ୍ରୋଲ୍ ୟୁନିଟ୍‌କେ ବଦ୍‌ଲା ଯାଇଥିଲା । ଇ ବାବ୍‌ଦେ ଆମର୍ ନୂଆପଡ଼ା ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ସୂଚ୍ନା ଅନ୍ସାରେ ନିର୍ବାଚନୀ ମଇଦାନ୍ରୁ ୧୪ ଝନ୍ ପ୍ରାର୍ଥୀ ରହିଛନ୍ । ଆଏବା ୧୪ ତାରିଖ୍ ଦିନ୍ ଭୋଟ୍ ଗନ୍ତି ହେଇକରି ଫଲାଫଲ୍ ବାହାର୍ବା ।

ଦିଲ୍ଲୀ ବିସ୍ଫୋରଣ୍ ଘଟ୍ନା ଏନ୍ଏସ୍ଡି

ଦିଲ୍ଲୀ କାର୍ ବିସ୍ଫୋରଣ୍ ଘଟ୍ନାରୁ ସାମିଲ୍ ରୁବା ଷଡ଼୍ଯନ୍ତ୍ରକାରୀମାନ୍କୁ ଛଡ଼ା ନାଇଁ ଯାଏ, ଘଟ୍ନା ପଛେ ରୁବା ଲୁକ୍କୁ କଡ଼ା ଦଣ୍ଡ୍ ଦିଆଯିବା ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭୁଟାନ୍ ଗସ୍ତରୁ ରୁବା ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ରୁମ୍ପୁ ଠାନେ ଗୁଟେ ସଭାକେ ଉଦ୍ବୋଧନ୍ ଦେଇକରି କହିଛନ୍, ଘଟ୍ନା ବାବ୍ଦେ ଖବର୍ ପାଏଲା ଉତ୍ରୁ ରାତିସାରା ଭିନ୍ ଭିନ୍ ଏଜେନ୍ସି ମାନ୍କର୍ ସାଙ୍ଗେ ଯୋଗାଯୋଗ୍ରୁ ରୁଲେ । ଘଟ୍ନାରୁ ପ୍ରଭାବିତ୍ ଲୁକ୍କର୍ ପରିବାର୍ ସଙ୍ଗେ ସାରା ଦେଶ୍ ଠିଆ ହେଇଛେ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ଘଟ୍ନାକେ ନେଇକରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କର୍ ଅଧ୍ୟକ୍ଷତାରୁ ନୂଆଦିଲ୍ଲୀ ଠାନେ ରୁବା ତାଙ୍କର୍ ଆବାସିକ୍ କାର୍ଯ୍ୟାଳୟ ନ ଆଏଜ୍ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଘଟ୍ନା ଉତ୍ରର୍ ସ୍ଥିତି ବାବ୍ଦେ ସମୀକ୍ଷା କରିଛନ୍ । ବୈଠକ୍ରୁ ସ୍ୱରାଷ୍ଟ୍ର ସଚିବ, ଗୁଇନ୍ଦା ବିଭାଗ୍ର ନିର୍ଦ୍ଦେଶକ, ଦିଲ୍ଲୀ ପୁଲିସ୍ କମିଶନର୍ ଆଉ ଜାତୀୟ ସୁରକ୍ଷା ଏଜେନ୍ସି ମହାନିର୍ଦ୍ଦେଶକ୍ ଉପସ୍ଥିତ୍ ରୁଲେ । ଜମ୍ମୁ କାଶ୍ମୀର୍ର ପୁଲିସ୍

ମହାନିର୍ଦ୍ଦେଶକ୍ ଭିଲ୍ ଆଭାସି ଜରିଏ ସାମିଲ୍ ହେଇଥିଲେ । ସେଆଢ଼େ ଘଟ୍‌ନାର୍ ତଦନ୍ତ ଦାୟିତ୍ୱ ମନ୍ତ୍ରଣାଳୟ ତର୍‌ଫୁ ଏନ୍‌ଆଇଏକେ ଦିଆଯାଇଛେ ।

ସୂଚ୍‌ନା ଅନ୍‌ସାରେ ଦିଲ୍ଲୀର୍ ଲାଲ୍‌କିଲ୍ଲା ମେଟ୍ରୋ ରେଲ୍‌ଷ୍ଟେସନ୍ ପାଖେ ଗଲାକାଏଲ୍ ଘଟିଥିବା କାର୍ ବିସ୍ଫୋରଣ୍‌ଥି ୮ ଝନ୍‌କର୍ ଜୀବନ୍ ଯାଇଥିଲା ବେଲେ ଆଉ ଏକାଧିକ ଜବର୍ ଜଖମ୍ ହେଇଛନ୍ ।

ଆଧାର୍ ଆପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ସ୍ୱତନ୍ତ୍ର ପରିଚୟ ପତ୍ର କର୍ତ୍ତୃପକ୍ଷ- ୟୁଡ଼ିଆଇ ତର୍‌ଫୁ ନୂଆଁ ଆଧାର୍ ଆପ୍‌ର ଶୁଭାରମ୍ଭ କରାଯାଇଛେ । ଇତାର୍ ଜରିଏ ଶହେ ୪୦ କୋଟି ଭାରତୀୟ ସେମାନ୍‌କର୍ ସ୍ମାର୍ଟ ଫୋନ୍‌ଥି ଡିଜିଟାଲ୍ ଆଧାର୍‌କାର୍ଡ଼ ରଖିପାର୍‌ବେ । ଗୁଗୁଲ୍ ପ୍ଲେ ଷ୍ଟୋର୍ ଆର୍ ଆପଲ୍ ଆପ୍ ଷ୍ଟୋର୍‌ନୁ ଇ ଆପ୍ ଡାଉନ୍‌ଲୋଡ଼୍ କରାଯାଇପାର୍‌ବା । ନୂଆଁ ଆଧାର୍ ଆପ୍‌ଥି ବାୟୋମେଟ୍ରିକ୍ ଲକ୍ ବ୍ୟବସ୍ଥା ଚେହେରା ଚିହ୍ନଟ୍ ପ୍ରଯୁକ୍ତି ଆଉ କ୍ୟୁଆର୍ କୋଡ଼୍ ଭିତିକ ସେୟାରିଂ ସୁବିଧା ରହିଛେ ।

ଏସ୍‌ଆଇ ନିଯୁକ୍ତି ପରୀକ୍ଷା -ସିବିଆଇ ତଦନ୍ତ/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପୁଲିସ୍- ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମ୍‌ଲାଥି ସିବିଆଇ ତଦନ୍ତ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତରଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇ ଘଟ୍‌ନାଥି ସିବିଆଇ ତଦନ୍ତ ଲାଗି ରାଜ୍ୟ ସର୍‌କାର୍ - କେନ୍ଦ୍ର ସର୍‌କାର୍‌ଙ୍କୁ ସୁପାରିଶ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଅନିୟମିତତା ମାମ୍‌ଲାଥି ଶହେ ୧୪ ଝନ୍ ପରୀକ୍ଷାର୍ଥୀ ଜେଲ୍ ଯାଇକରି ଜାମିନ୍‌ଥି ବାହାରିଛନ୍ । ଘଟ୍‌ନାର୍ ଦୁହି ମୁଖ୍ୟ ଅଭିଯୁକ୍ତିଙ୍କୁ ଭିଲ୍ ପୁଲିସ୍ ଗିରଫ୍ କରିସାରିଛେ ।

ଜାତୀୟ ଶିକ୍ଷା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଜାତୀୟ ଶିକ୍ଷା ଦିବସ୍ । ଫି' ବଛର୍ ଆଝିର୍ ଦିନ ଦେଶର୍ ପହେଲା ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କର୍ ଜୟନ୍ତୀକେ ମନେ ରଖିବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ସ୍ୱାଧୀନ୍ ଭାରତ୍ ନ ଗାଁ ଗହଲର୍ ଗରିବ୍ ଆର୍ ଟୁକେଲ୍ ମାନ୍‌କୁ ଶିକ୍ଷିତ୍ କର୍‌ବାର୍ ତାଙ୍କର୍ ମୁଖିଆ ଉଦ୍ଦେଶ୍ ଥିଲା । ସେ ସମିଆଥି ପୌଢ଼ ସାକ୍ଷରତା, ୧୪ ବରସ୍ ବୟସ୍‌ତକ୍ ସବୁ ପିଲା ଟୁକେଲ୍‌ମାନ୍‌କୁ ମାହାଲିଆ ଆର୍ ବାଧ୍ୟତାମୂଲକ୍ ଶିକ୍ଷା ଉପ୍‌ରେ ସେ ଜୋର୍ ଦେଇଥିଲେ । ବିଶ୍ୱସ୍ତରୀୟ ପ୍ରାଥମିକ ଶିକ୍ଷା,

ମାଧ୍ୟମିକ ଶିକ୍ଷାର ବିବିଧତା ଆଉ ଧନ୍ଦାମୂଳକ୍ ତାଲିମ୍‌କେ ସେ ଶିକ୍ଷାମନ୍ତ୍ରୀ ଥିବାର୍ ସମିଆଥି ଜୋର୍ ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଁ ଭାରତ୍ ଗଠନ୍ ଦିଗେ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କର୍ ଅବଦାନ୍ ସବୁବେଲେ ତହଁକ୍ ହେଇକରି ରହେବା ବଲି କହିଛନ୍ ।

ପୁରୀ ଶ୍ରୀମନ୍ଦିର-ପଢୁଁଆଷ୍ଟମୀ ପୁରୀ ସମ୍ବାଦଦାତା

ମଗ୍‌ଶିର୍ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥିକେ ଆଏବା କାଏଲ୍ ପଢୁଁଆଷ୍ଟମୀ ଭାବେ ପାଲନ୍ କରାଯିବା । ଇ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି ହେବା । ଆଏବା କାଏଲ୍ ଭୋଗମଣ୍ଡପ ନୀତି ସର୍‌ବାର୍ ଉତ୍‌ରୁ ନୀତି ବାଡ଼ ନ ମଇଲମ କରାଯାଇକରି ପୂଜାପଣ୍ଡା ସେବକ ମାନେ ମହାସ୍ନାନ ନୀତି କର୍‌ବେ । ତାର୍ ଉତ୍‌ରୁ ମାହାପୁରୁମାନ୍‌କୁ ନୂଆଁ ବସ୍ତ୍ର, ଚନ୍ଦନ ଲାଗି କରାଯିବା । ପୂଜା ସର୍‌ଲା ଉତ୍‌ରୁ ମଧ୍ୟାହ୍ନ ଧୂପ ଉଠଲା ଉତ୍‌ରୁ ତିନ୍‌ହି ବାଡ଼ ନ ମଙ୍ଗଳାର୍ପଣ୍ ନୀତି କରାଯାଇକରି ଫୁଲୁପୁରିଆ ଖାଦୀ ଆଉ ଛେଦା ପ୍ରସାଦ ଲାଗି ହେବା ।

ବାଲିଯାତ୍ରା-ନୌକା ଚାଲନା ପ୍ରତିଯୋଗିତା କଟକ୍ ସମ୍ବାଦଦାତା

କଟକ୍‌ର ଐତିହାସିକ୍ ବାଲିଯାତ୍ରା ଅବ୍‌ସରେ ଆଏଜ୍ ମହାନଦୀ ଖଁଡ଼ି ଗଡ୍‌ଗଡ଼ିଆ ଘାଟ୍ ନ ୨ ଦିନିଆ ନୌକା ଚାଲନା ପ୍ରତିଯୋଗିତା ମୁଲ୍ ହେଇଛେ । ପ୍ରତିଯୋଗିତାକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କରିକରି ଉତ୍କଳ ଅତୀତର ନୌବାଣିଜ୍ୟ ପରମ୍ପରାକେ ସୁର୍‌ତା କରିକରି ଇ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଇଛେ ବଲି କହିଛନ୍ । ଇ କ୍ରୀଡ଼ାକେ ଅନ୍ତର୍ଜାତୀୟ ସ୍ତର୍‌କେ ପୁହୁଁଚବାର୍ ଚେରେଷ୍ଟା କରାଯିବା ବଲି ସେ କହିଛନ୍ । ପ୍ରତିଯୋଗିତାଥି ୧୦ ଟା ରାଏଜୁ ୧୫ ଟା ମହିଲା ଆଉ ପୁରୁଷ ଦଲ୍ ଭାଗ୍ ନେଇଛନ୍ ।

ବିଦ୍ୟୁତ୍ ସୁରକ୍ଷା କର୍ମଶାଳା I&PR

ରାଏଜେ କାର୍‌ଖାନାମାନ୍‌କେ ସୁରକ୍ଷିତ୍ ବିଦ୍ୟୁତ୍ ବେଭାର୍ ଦିଗେ ସଚେତନ୍ କର୍‌ବାର୍ ଲାଗି ରାଜ୍ୟ ଶ୍ରମ ପ୍ରତିଷ୍ଠାନ୍ ତର୍‌ଫୁ ବିଦ୍ୟୁତ୍ ସୁରକ୍ଷା ଶୀର୍ଷକ୍ ରାଜ୍ୟସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ନ ଥିବା ପ୍ରତିଷ୍ଠାନ୍ କାର୍ଯ୍ୟାଳୟ ନ ହେଇଥିବା ଶିବିର୍‌ଥି କାର୍‌ଖାନା ଆଉ ବାଷ୍ପିତ୍ର ନିର୍ଦ୍ଦେଶାଳୟର୍ ଉପ ନିର୍ଦ୍ଦେଶକ୍ ମଳୟ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ବିଦ୍ୟୁତ୍ ସୁରକ୍ଷା ଗୁଟେ ଅବିରତ ଦାୟିତ୍ୱ ଆଉ ସଭେ ସତର୍କ ରହିକରି ସୁରକ୍ଷା ନିୟମ୍‌କେ

ମାନ୍‌ବାର୍ ଜରୁରୀ ଆଏ ବଲି କହିଛନ୍ । ଇ ଅବ୍‌ସରେ ପ୍ରତିଷ୍ଠାନ୍ ତର୍‌ଫୁ ତାଲିମ୍ ନେଇଥିବା ଭିନ୍ ଭିନ୍ ବର୍ଗର୍ କାର୍‌ଖାନା ଅଧିକାରୀମାନ୍‌କୁ ପ୍ରମାଣପତ୍ର ଦିଆଯାଇଥିଲା ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା                    ସୁବର୍ଣ୍ଣପୁର୍ ସମ୍ବାଦଦାତା

ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍‌ଫୁ ସୁବର୍ଣ୍ଣପୁର୍ ଠାନେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା -୨୦୨୫ ଉଦ୍‌ଘାଟିତ୍ ହେଇଛେ । ଇ ମେଳାକେ ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀ ଉଦ୍‌ଘାଟନ୍ କରିକରି ମାଛ୍ ଚାଷ୍ ଆଉ ଗୃହପାଳିତ୍ ପ୍ରାଣୀ ସମ୍ପଦ୍‌ର ବିକାଶ୍ ଦିଗେ ଇଟା ବହୁତ୍ ସାହାଜ୍ କର୍‌ବା ବଲି କହିଛନ୍ । ମେଲାଥି ୧୦ ଟା ଷ୍ଟଲ୍ ନ ପ୍ରଦର୍ଶନୀ ସହେତେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଷୟବସ୍ତୁ ଉପ୍‌ରେ ଆଲୋଚନାଚକ୍ର ହେଇଛେ । ଇ ଅବ୍‌ସରେ ବିଶେଷଜ୍ଞମାନେ ପାରମ୍ପାରିକ୍ ଚାଷ୍ ସଙ୍ଗେ ଅର୍ଥନୈତିକ୍ ଅଭିବୃଦ୍ଧି ଲାଗି ମାଛ୍, ଗୋରୁ, ଛେଲି ଆର୍ କୁକୁଡ଼ା ଚାଷ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

ଓଡ଼ିଶା ବନାଂଚଲ ଉନ୍ନୟନ୍ ପକଳ୍ପ ସମୀକ୍ଷା/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଜିଲ୍ଲା ସମ୍ମିଲନୀ କକ୍ଷ ନ ଓଡ଼ିଶା ବନାଂଚଲ ଉନ୍ନୟନ୍ ପ୍ରକଳ୍ପ-୨ ର ବାର୍ଷିକ ସମୀକ୍ଷା ହେଇଯାଇଛେ । ସମୀକ୍ଷା ବୈଠକ୍‌ଥି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୁବର୍ଣ୍ଣପୁର୍ ବନଖଣ୍ଡ ଇଲାକା ନ ହଉଥିବା ଭିନ୍ ଭିନ୍ ପ୍ରକଳ୍ପ ମାନ୍‌କର୍ ସଙ୍ଗେ ଲୁକ୍‌କର୍ ଜୀବନ୍ ଜୀବ୍‌କା କେନ୍ ରକ୍‌ମେ ଜୁଡ଼ି ହେଇଛେ ସେ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ୍ ଲାଲ୍ ଶର୍ମାଙ୍କର୍ ସଭାପତିତ୍ୱଥି ହେଇଥିବା ବୈଠକ୍‌ଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜିଲ୍ଲାପାଲ୍- ସମୀକ୍ଷା      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଜିଲ୍ଲାର୍ ହର୍‌ଭଙ୍ଗା ବ୍ଲକ୍ ନ ତିଆର୍ ହଉଥିବା ଭିନ୍ ଭିନ୍ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ଆଏଜ୍ ସମୀକ୍ଷା କରିଛନ୍ । ଅଧା ତିଆର୍ ହେଇକରି ଥିବା ବନ ସୁରକ୍ଷା ସମିତି କୁଠା, ମିଶନ୍ ଶକ୍ତି କୁଠା, ପଂଚାୟତ୍ ସୁବିଧା କେନ୍ଦ୍ର, ଆର୍ ହିତାଧିକାରୀମାନେ ମାନେ ପାଇଥିବା ଘର୍ ର କାମ୍ ମାନ୍‌କୁ ତୁର୍‌ତି ସାର୍‌ବାର୍‌କେ ଜିଲ୍ଲାପାଲ୍-ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିହନ୍, ଚାଷ୍ ଦରବ୍ ବଂଟନ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ବଡ଼ଛାପଲ୍ ପଂଚାୟତ୍‌ର ବାବୁରିକାନି ଗାଁ ନ ଡାଲୁଆ ଚାଷ ଲାଗି ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ୍ ଜରିଏ ଉନ୍ନତ ବିହନ୍, ଜୈବିକ୍ ସାର୍, ଅଣୁସାର୍ ଆଉ କୀଟନାଶକ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମନ୍ୱିତ ଆଦିବାସୀ ଉନ୍ନୟନ୍ ସଂସ୍ଥାର୍ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଯୋଗ୍ ଦେଇକରି ମିଶନ୍ ଥି ରହିଥିବା କୃଷି ଭିତିକ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଚାଷୀମାନ୍‌କୁ ବୁଝେଇଥିଲେ । ଅଧିକାରୀମାନେ ଡାଲୁଆ ଚାଷ୍ ଲାଗି ସୁର୍‌ଶୋ ଚାଷ୍ ପ୍ରଣାଲୀର୍ ବିହନ୍ ଆଉ ସାର୍ ବେଭାର୍ ଉପ୍‌ରେ ଚାଷୀମାନ୍‌କୁ ବୁଝେଇଥିଲେ । ଇ ଅବ୍‌ସରେ ୭୫ ଝନ୍ ଚାଷୀଙ୍କୁ ସୁର୍‌ସୋ ଚାଷ୍ ଲାଗି ଉନ୍ନତ୍ ବିହନ୍ ଆଉ ଚାଷ୍ ଦରବ୍ ବଂଟା ଯାଇଥିଲା ।

କପା କିଷାନ୍ ମୋବାଇଲ୍ ଆପ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ କପା ନିଗମ - ସିସିଆଇ ତର୍‌ଫୁ କପା ଚାଷୀମାନ୍‌କର୍ ଲାଗି କପା କିଷାନ୍ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରାଯାଇଛେ । ଆଏବା କପା ଘିନା ବିକା ଋତୁ ବେଲ୍‌କେ ଚାଷୀମାନେ ଇ ଆପ୍ ଜରିଏ ପଞ୍ଜିକରଣ୍ ହେଇକରି ସର୍ବନିମ୍ନ ସହାୟକ ମୂଲ୍ୟଥି ସିସିଆଇ କେନ୍ଦ୍ର ନ କପା ବିକି

ପାର୍‌ବେ । ପଞ୍ଜିକରଣ୍‌ରେ ଶେଷ୍ ତାରିଖ୍ ଆଏବା ଡିସେମ୍ବର୍ ୩୧ ତାରିଖ୍‌କେ ବଢ଼ାଯାଇଛେ ।

ସାଗର କବଚ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଠାନେ ଥିବା ଗୃହ ବିଭାଗ୍‌ର ସମ୍ମିଳନୀ କକ୍ଷ ନ ସମୁଦ୍ରଖଁଡ଼ିର୍ ମିଲିତ୍ ସୁରକ୍ଷା ଅଭ୍ୟାସ୍ - ସାଗର କବଚ କେ ନେଇକରି ଗୁଟେ ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବିଭାଗ୍‌ର ସମ୍ମିଳନୀ କକ୍ଷ ନ  ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ହେଇଥିବା ସମୀକ୍ଷା ବୈଠକ୍‌ଥି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରିକରି ଗଲା ୩ ଆଉ ୪ ତାରିଖ୍ ଦିନ ସାଗର କବଚ ଅଭ୍ୟାସ୍ ସମିଆଥି ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା କାଏଲ୍‌ତକ୍ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମିପାରେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍

ଭିତ୍‌ରିଆ ଇଲାକା ସହେତେ ପଶ୍ଚିମ ଆଉ ଦକ୍ଷିଣ୍ ଭାଗେ ତାପମାତ୍ରା କମ୍‌ବାର୍ ସହେତେ ଜବର୍ ଥଣ୍ଡା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।